



ପାଠ -୫

# ବସ୍ତୁର ବିଭିନ୍ନ ପାଖର ଆକୃତି

ମନିଷା ତୁମରି ପରି ଝିଅଟିଏ । ପାଠରେ ଯେମିତି, ଯୋଗ ଓ ଆସନ ଅଭ୍ୟାସ କରିବାରେ ସେମିତି ଦକ୍ଷ । ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ସ୍ଥାନରେ ଯୋଗ ପ୍ରତିଯୋଗିତାରେ ଭାଗ ନେଇ ଆମ ରାଜ୍ୟ ପାଇଁ ସୁନାମ ଅର୍ଜନ କରିଛନ୍ତି ମନିଷା ।

ତୁମେ ଯୋଗ ଓ ଆସନ ଅଭ୍ୟାସ କରୁଛ କି ? ଯୋଗ ଓ ଆସନ ଅଭ୍ୟାସ କଲେ କ'ଣ ସବୁ ଲାଭ ହୁଏ ଲେଖ ।

କାଣ୍ଡାସନ ଅଭ୍ୟାସ କରୁଥିବା ସମୟରେ ମନିଷାର ପାଞ୍ଚଟି ଫଟୋ ଚିତ୍ର ନିଆଯାଇଛି । ସେଗୁଡ଼ିକୁ ଲକ୍ଷ୍ୟ କର ।



କ ଖ ଗ ଘ ଙ

ଉପର ଚିତ୍ରଗୁଡ଼ିକୁ ଲକ୍ଷ୍ୟ କରି ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ –

- କେଉଁଟି ତା'ର ସାମ୍ନାର ଚିତ୍ର ?
- କେଉଁଟି ତା'ର ପଛ ପାଖର ଚିତ୍ର ?
- କେଉଁ ଚିତ୍ରଟି ଠିକ୍ ଉପରୁ ନିଆଯାଇଛି ?
- କେଉଁ ଚିତ୍ର ମନିଷାଙ୍କ ଡାହାଣ କଡ଼ରୁ ନିଆଯାଇଛି ?
- କେଉଁ ଚିତ୍ରଟି ମନିଷାଙ୍କ ବାମ କଡ଼ରୁ ନିଆଯାଇଛି ?

ତୁମର ସାଙ୍ଗଙ୍କୁ ଗୋଟିଏ ସ୍ଥାନରେ ସ୍ଥିର ହୋଇ ବସିବାକୁ କହ । ତା'ର ସାମ୍ନାପଟୁ, ଡାହାଣ କଡ଼ରୁ, ବାମ କଡ଼ରୁ ତାଙ୍କୁ ଦେଖ । ସବୁ କ୍ଷେତ୍ରରେ ସମାନ ଦେଖାଯାଉଛି କି ? ଏପରି ଦେଖାଯିବାର କାରଣ ସଂପର୍କରେ ସାଙ୍ଗମାନଙ୍କ ସହ ଆଲୋଚନା କରି ଉତ୍ତର ଲେଖ ।

ଆସ, କେତୋଟି ଜିନିଷକୁ ସାମ୍ନାରୁ, ଉପରୁ ଓ କଡରୁ ଦେଖିଲେ କିପରି ଦେଖାଯାଉଛି ଦେଖିବା ।


(ପ୍ରଥମ ଚିତ୍ର)


(ଦ୍ୱିତୀୟ ଚିତ୍ର)



(ତୃତୀୟ ଚିତ୍ର)

ଉପରେ ଦିଆଯାଇଥିବା ଚିତ୍ର ତିନୋଟିକୁ ଲକ୍ଷ୍ୟ କର । ତିନୋଟି ଭିନ୍ନ ଭିନ୍ନ ପାଖରୁ ଗୋଟିଏ ଚେୟାର କିପରି ଦେଖାଯାଉଛି ତାହାର ଚିତ୍ର ଦିଆଯାଇଛି ।

ପ୍ରଥମ ଚିତ୍ରଟି ଚେୟାରର ସାମ୍ନା ପାଖର ଚିତ୍ର । ଚେୟାରଟିକୁ ଠିକ୍ ଉପରୁ ଦେଖିଲେ ଯେଉଁଭଳି ଦେଖାଯିବ ତାହା ଦ୍ୱିତୀୟ ଚିତ୍ରରେ ଦେଖାଯାଇଛି । ସେହିପରି ତୃତୀୟ ଚିତ୍ରଟି ହେଉଛି ଚେୟାରଟିର ଗୋଟିଏ କଡ଼ ପଟର ଚିତ୍ର ।

ଏବେ, ତଳ ଚିତ୍ରଗୁଡିକୁ ଦେଖି ପ୍ରଶ୍ନମାନଙ୍କର ଉତ୍ତର ଦିଅ –








- କେଉଁ ଚିତ୍ରଟି ସାମ୍ନାରୁ ନିଆଯାଇଛି ?
- କେଉଁ ଚିତ୍ରଟି କଡ଼ରୁ ନିଆଯାଇଛି ?
- କେଉଁ ଚିତ୍ରଟି ଠିକ୍ ଉପରୁ ନିଆଯାଇଛି ?
- ଏହା କାହାର ଚିତ୍ର ?

ଲକ୍ଷ୍ୟକର, ଗୋଟିଏ ଜିନିଷକୁ ସାମ୍ନାରୁ, କଡ଼ରୁ ଓ ଠିକ୍ ଉପରୁ ଦେଖିଲେ ଅଲଗା ଅଲଗା ଦେଖାଯାଉଛି ।

ଉଡ଼ାଜାହାଜରେ ବସି ଗୋଟିଏ ସ୍ଥାନର କିଛି ଅଂଶ ଯେପରି ଦେଖାଯାଉଥିଲା ତାହାର ଚିତ୍ର ତଳେ ଅଙ୍କାଯାଇଛି । ତାହାକୁ ଲକ୍ଷ୍ୟ କର ।





(ପ୍ରଥମ ଚିତ୍ର)

ଏହି ଚିତ୍ରରେ ୧ , ୨ ,୩, ୪ , ୫ ଚିହ୍ନିତ ହୋଇଥିବା ଅଂଶଗୁଡ଼ିକ କେଉଁ ଜିନିଷକୁ ସୂଚାଉଛି ଲେଖ ।

ତୁମେ ଲେଖିଥିବା ଉତ୍ତରକୁ ତୁମ ସାଙ୍ଗ ଲେଖିଥିବା ଉତ୍ତର ସହ ମିଳାଅ । ଉଭୟଙ୍କର ଉତ୍ତର ସମାନ ହେଉଛି କି ?

ଯେଉଁ ସମୟରେ ଉପରୁ ସ୍ଥାନଟିର ଚିତ୍ର ନିଆଯାଇଥିଲା, ଠିକ୍ ସେହି ସମୟରେ ଗୋଟିଏ ପାଖ (କଡ଼)ରୁ ସ୍ଥାନଟି କିପରି ଦେଖା ଯାଉଛି ତାହାକୁ ଲକ୍ଷ୍ୟ କର ।




(ଦ୍ୱିତୀୟ ଚିତ୍ର)


ଦ୍ୱିତୀୟ ଚିତ୍ରରେ ଦିଆଯାଇଥିବା ଚିତ୍ରରେ A, B, C, D, ଓ E ଚିହ୍ନିତ ହୋଇଥିବା ଅଂଶଗୁଡ଼ିକୁ ତୁମେ ଚିହ୍ନିପାରୁଛ କି ? ପ୍ରଥମ ଚିତ୍ରରେ ୧ , ୨ .୩,୪ ଓ ୫ ଚିହ୍ନିତ ହୋଇଥିବା ଜିନିଷଗୁଡିକ ଦ୍ୱିତୀୟ ଚିତ୍ରରେ ଯଥାକ୍ରମେ A, B, C, D, ଓ E ନାମରେ ସୂଚାଯାଇଛି ।

ଏବେ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର କୁହ -

(କ) ପ୍ରଥମ ଚିତ୍ର ଓ ଦ୍ୱିତୀୟ ଚିତ୍ରକୁ ଲକ୍ଷ୍ୟ କରି ତୁମେ ସେଥିରେ କି କି ଜିନିଷ ଥିବାର ଦେଖୁଛ ଲେଖ ।

(ଖ) କେବଳ ପ୍ରଥମ ଚିତ୍ରରୁ ଜିନିଷଗୁଡ଼ିକୁ ଚିହ୍ନିବା ସହଜ ହେଉନଥିଲା ।

ଦୁଇଟି ଯାକ ଚିତ୍ରକୁ ଦେଖିବା ପରେ ଜିନିଷଗୁଡିକୁ ଚିହ୍ନିବା ସହଜ ହେଲା କାହିଁକି ?




ତୁମେ କେବେ ଗୁଡ଼ି ଉଡ଼ାଇଛ କି ? ଗୁଡ଼ି ଉଡ଼ାଯିବାର ଦୃଶ୍ୟ ଦେଖିଥିବ । ତୁମେ ଏହା ଲକ୍ଷ୍ୟ କରିଥିବ ଯେ, ଗୁଡ଼ି ଆକାଶରେ ଯେତେ ଉପରକୁ ଯାଏ ତାହା ସେତେ ଅଧିକରୁ ଅଧିକ ଛୋଟ ଦେଖାଯାଏ । ସେହିପରି ଜିନିଷ ଯେତେ ଦୂରରେ ରହେ ସେହିପରି ଛୋଟ ଦେଖାଯାଇଥାଏ ।


ଚତୁର୍ଥ ଶ୍ରେଣୀରେ ଆମେ ବିଭିନ୍ନ ପ୍ରକାରର ଘନ ବସ୍ତୁ ସଂପର୍କରେ ଜାଣିଥିଲେ । ଆସ, ସେଗୁଡ଼ିକ ମଧ୍ୟରୁ କେତେକ ଘନବସ୍ତୁକୁ ସାମ୍ନାରୁ, କଡ଼ରୁ ଓ ଠିକ୍ ଉପରୁ ଦେଖିଲେ କିପରି ଦେଖାଯାନ୍ତି ସେ ସଂପର୍କରେ ଆଲୋଚନା କରିବା ।

ଗୋଟିଏ ଆୟତଘନ ଆକୃତିର ବଡ଼ କାଠବାକ୍ସକୁ ଦେଖ । ଏହାକୁ ଠିକ୍ ଉପରୁ ଦେଖିଲେ କିପରି ଦେଖାଯାଉଛି ? ତୁମେ ତାହାକୁ ଚିତ୍ରରେ ଦେଖାଇ ପାରିବ କି ?


ଆୟତଘନ ଆକୃତିର କାଠବାକ୍ସକୁ ଠିକ୍ ଉପରୁ ଦେଖିଲେ ଆୟତଚିତ୍ର ଆକୃତି ଭଳି ଦେଖାଯିବ ।



ଏବେ ଏହି କାଠ ବାକ୍ସର ସାମ୍ନାରୁ ଦେଖିଲେ ମଧ୍ୟ ଏକ ଆୟତଚିତ୍ର ଆକୃତି ଦେଖିବାକୁ ପାଇବ ।




ବାକ୍ସଟିକୁ ଗୋଟିଏ କଡ଼ରୁ ଦେଖିଲେ କିପରି ଦେଖାଯାଉଛି ?



କେବଳ ଗୋଟିଏ ପାଖରୁ ବା ଠିକ୍ ଉପରୁ ଦେଖାଯାଉଥିବା ଆକୃତିକୁ ଦେଖି ତାହାକୁ ବାକ୍ସ ବୋଲି ଚିହ୍ନି ଦେଉଛି କି ?

ବାକ୍ସର ଛଅଟି ପାଖ ମଧ୍ୟରୁ ସର୍ବାଧିକ ତିନୋଟି ପାଖରୁ ଚିତ୍ରକୁ ଦେଖି ତାହାକୁ ଆମେ ଚିହ୍ନି ପାରିବା । ଗୋଟିଏ ବାକ୍ସର ସବୁ ଅଂଶକୁ ଗୋଟିଏ ଚିତ୍ର ମାଧ୍ୟମରେ ଦେଖାଇ ହେବ ନାହିଁ । ଏହାର ସାମ୍ନାରୁ, ଠିକ୍ ଉପରୁ ଓ ଗୋଟିଏ କଡ଼ରୁ ଦେଖି ଯେଉଁଭଳି ଚିତ୍ର ସବୁ ମିଳିବ, ସେଗୁଡିକୁ ଦେଖି ତାହା ବାକ୍ସ ବୋଲି ଚିହ୍ନି ହେବ ।

ଆସ, ସମଘନ ସମ୍ବନ୍ଧରେ ଜାଣିବା ପାଇଁ ଗୋଟିଏ କାହାଣି ଶୁଣିବା ।




- ମିକି ନାମରେ ଗୋଟିଏ ପିମ୍ପୁଡି ରାସ୍ତାରେ ଯାଉଥିଲା । ରାସ୍ତାରେ ଯାଉ ଯାଉ ତା' ସାମ୍ନାରେ ଗୋଟିଏ ବଡ ବାକ୍ସ ଦେଖିଲା ।
- ମିକି ବାକ୍ସ ଚାରିପାଖରେ ବୁଲି ଆସିଲା । ଏବେ ସେ ବାକ୍ସର ଆଉ ଗୋଟିଏ ପାଖକୁ ଦେଖିଲା ।
- ମିକି ଦ୍ୱନ୍ଦରେ ପଡିଲା ? ପ୍ରକୃତରେ ଏହି ବାକ୍ସଟି କ'ଣ ? ସେ ବାକ୍ସର ଉପରକୁ ଚଢିଲା ଓ ସେଠାରୁ ସେ ସମୁଦାୟ ବାକ୍ସଟିକୁ ଦେଖିବାକୁ ଚେଷ୍ଟା କଲା । ଏବେ ବାକ୍ସଟି ଯେପରି ଦେଖାଗଲା ତାହାକୁ ଚିତ୍ରରେ ଦର୍ଶାଯାଇଛି ।

ପିମ୍ପୁଡି ଯେଉଁ ଜିନିଷଟିକୁ ବାକ୍ସ ବୋଲି ଭାବୁଥିଲା ଓ ପ୍ରକୃତରେ ସେଇଟି କ'ଣ ତୁମେ କହିପାରିବ କି ?

ଏହି ବାକ୍ସର ଦୁଇ ବିପରୀତ ପାର୍ଶ୍ୱରେ ଥିବା ବିନ୍ଦୁ ସଂଖ୍ୟାକୁ ଯୋଗ କଲେ ୭ ମିଳିବ ।

ଏବେ କହ –

- ଚିହ୍ନଥିବା ପାର୍ଶ୍ୱର ବିପରୀତ ପାର୍ଶ୍ୱରେ କେତୋଟି ବିନ୍ଦୁ ଅଛି ?
- ଚିତ୍ରର ତଳକୁ ଥିବା (ଭୂମି ଉପରେ ଲାଗିଥିବା) ପାର୍ଶ୍ୱରେ କେତୋଟି ବିନ୍ଦୁ ଅଛି ?
- ଯଦି ବାକ୍ସଟିକୁ ଖୋଲି ଦିଆଯିବ ତାହା କିପରି ଦେଖାଯିବ ? (ଠିକ୍ ଉତ୍ତରଟିକୁ ବାଛ)



(କ) (ଖ) (ଗ) (ଘ)

**ତୁମ ପାଇଁ କାମ**





କାଗଜରେ ଏହିଭଳି ଆକୃତି ତିଆରି କର । ଏହାକୁ କାଟି ଏହାର ବିଭିନ୍ନ ପାଖକୁ ଭିନ୍ନ ଭିନ୍ନ ରଙ୍ଗ ଦିଅ । ଏହାକୁ ତୁମେ ଖେଳିବା ପାଇଁ ବ୍ୟବହାର କରିପାରିବ କି ?

## ଦିଆସିଲି ଖୋଳ ନେଇ ଖେଳିବା




ବୀଣା, କୁଲ୍‌ଦୀପ୍ ଓ ସମସେଦ ଦିଆସିଲି ଖୋଳ ନେଇ ପୋଲ ତିଆରି କରୁଥିଲେ । ସେମାନେ ଯେପରି ଦିଆସିଲି ଖୋଳକୁ ସଜାଡ଼ି ପୋଲ ଏକ ଚିତ୍ର ତଆରି କଲା ।






ତୁମେ କହ - କେଉଁ ସ୍ଥାନରେ ବୀଣା ଠିଆ ହୋଇଥିବାରୁ ସେ ଏହି ଭଳି ଚିତ୍ର ତିଆରି କରିପାରିଲା ।

ସମସେଦ୍ କହିଲା - ''ମୁଁ ଯେଉଁ ସ୍ଥାନରେ ଠିଆ ହୋଇଛି, ମୋ ପୋଲଟି କିପରି ଦେଖାଯାଉଛି ତାହା ମୁଁ ଚିତ୍ରରେ ଦେଖାଉଛି ।''





· ଯଦି ପୋଲଟିକୁ ଉପରୁ ଦେଖାଯାଏ ତାହା କିପରି ଦେଖାଯିବ ତୁମେ ଚିତ୍ର କରି ଦେଖାଅ ।

### ତୁମ ପାଇଁ କାମ



**କାର୍ଯ୍ୟ - ୧**


- ଗୋଟିଏ ପାଣି ବୋତଲ ନିଅ ।
- ଏହାକୁ ଟେବୁଲ ଉପରେ ଠିଆ ହେଲାଭଳି ରଖ ।
- ଏହାକୁ ଠିକ୍ ଉପରୁ ଦେଖ । ତୁମେ ଯେପରି ଦେଖିଲ ତାହାକୁ ଚିତ୍ରରେ ଦେଖାଇପାରିବ କି ?

**କାର୍ଯ୍ୟ - ୨**

- ଏବେ ପାଣି ବୋତଲଟିକୁ ଅଲଗା ଅଲଗା ପାଖରୁ ଓ ସାମ୍ନାରୁ ଦେଖ ।
- ସବୁବେଳେ ସମାନ ପ୍ରକାରର ଆକୃତି ପାଉଛ ନା ଭିନ୍ନ ଭିନ୍ନ ପ୍ରକାରର ଆକୃତି ପାଉଛ ?
- ବାକ୍ସଟିକୁ ଭିନ୍ନ ଭିନ୍ନ ପାଖରୁ ଦେଖିବା ବେଳେ ସମାନ ଚିତ୍ର ପାଉଥିଲ କି ?
- ବୋତଲଟିକୁ ଭିନ୍ନ ଭିନ୍ନ ପାଖରୁ ଦେଖିଲେ ସମାନ ଚିତ୍ର ପାଇଲ କାହିଁକି ? ତୁମର ସାଙ୍ଗମାନଙ୍କ ସହ ଆଲୋଚନା କରି ଏହାର ଉତ୍ତର ଲେଖ ।

# ଅଭ୍ୟାସ

୧. ଗୋଟିଏ ଟେବୁଲକୁ ଠିକ୍ ଉପରୁ, ସାମ୍ନାରୁ ଓ ଗୋଟିଏ କଡରୁ ଦେଖିଲେ ଯେଉଁଭଳି ଦେଖାଯାଏ. ତା'ର ଚିତ୍ର ତଳେ ଦିଆଯାଇଛି । କେଉଁ ଚିତ୍ରଟି ଠିକ୍ ଉପରୁ ,ସାମ୍ନାରୁ ଓ କଡ଼ରୁ ନିଆଯାଇଛି ତାହା ଚିହ୍ନାଅ ।



୨. ଗୋଟିଏ ବଲ୍ ନିଅ । ଏହାକୁ ଠିକ୍ ଉପରୁ, ବିଭିନ୍ନ ପାଖରୁ ଦେଖ । ବିଭିନ୍ନ ପାଖରୁ ବଲ୍‌ଟି ଅଲଗା ଅଲଗା ଦେଖାଯାଉଛି କି ? ଏହାର କାରଣ କ'ଣ ?

୩. ଦିଆସିଲି ଖୋଳକୁ ସଜାଡ଼ି ଗୁଲୁ ଗୋଟିଏ ପୋଲ ତିଆରି କଲା । ଲକ୍ଷ୍ୟ କର ।



- ଉପରୁ ଦେଖିଲେ କିପରି ଦେଖାଯିବ ଚିତ୍ରରେ ଦେଖାଅ ।
- ସାମ୍ନାରୁ ଦେଖିଲେ କିପରି ଦେଖାଯିବ ଚିତ୍ରରେ ଦେଖାଅ ।
- ଗୋଟିଏ ପାଖକୁ ଦେଖିଲେ କିପରି ଦେଖାଯିବ ଚିତ୍ରରେ ଦେଖାଅ ।